# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 December – 2025

****************************************

## ମୁଖ୍ୟ ସମ୍ବାଦ

- ଆରାବଳୀ ପର୍ବତମାଳା ସଂକ୍ରାନ୍ତ ପୂର୍ବ ରାୟ ଉପରେ ରହିତାଦେଶ ଜାରି କଲେ ସୁପ୍ରିମକୋର୍ଟ
- ଭାରତବର୍ଷର ସ୍ୱାଧୀନତା ଇତିହାସ ବୀର ସନ୍ତାନଙ୍କ ଆତ୍ମବଳିଦାନର ଗାଥା ବହନ କରେ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ବରଗଡ଼ ଧନୁଯାତ୍ରା ଷଷ୍ଠ ଦିବସରେ ଆଜି ଅନୁଷ୍ଠିତ ହେବ ମଥୁରା ନଗରୀରେ ରଙ୍ଗସଭା ଓ ଶଙ୍ଖଚୂଡ଼ଙ୍କୁ ଗୋପପୁର ପ୍ରେରଣ କାର୍ଯ୍ୟକ୍ରମ

– ଆସନ୍ତାକାଲି କଂସ ଦରବାରରେ ରାଜ ଅତିଥି ହେବେ ମୁଖ୍ୟମନ୍ତ୍ରୀ

ଏବଂ

- ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଆଜି ପାଳନ କରୁଛି ୬୬ତମ ପ୍ରତିଷ୍ଠା ଦିବସ

Desk

# ଆରାବଳୀ

ଆରାବଳି ପର୍ବତମାଳା ନେଇ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ  ଗତମାସ ୨୦ ତାରିଖରେ ଦେଇଥିବା ନିଜର ନିର୍ଦ୍ଦେଶ ଉପରେ ଆଜି ରହିତାଦେଶ ଜାରି କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜେକେ ମାହେଶ୍ୱରୀ ଓ ଏ.ଜି.ମାସିହଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଏକ ନୂଆ ବିଶେଷଜ୍ଞ କମିଟି ଗଠନ କରି ଆରାବଳି ପର୍ବତର ପୁନର୍ବାର ସଂଜ୍ଞା ନିରୂପଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ପୂର୍ବରୁ ଆରାବଳି ପର୍ବତମାଳା ସଂପର୍କରେ କୋର୍ଟ ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରିଥିଲେ, ତାହା ଉପରେ ଅଧିକ ସ୍ୱଷ୍ଟୋକ୍ତି ଆବଶ୍ୟକ କରି  କୋର୍ଟ ଅଧିକ ସୂଚନା ଆବଶ୍ୟକ କରୁଛନ୍ତି। ଏ ସଂପର୍କରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଏବଂ ହରିଆଣାକୁ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପ୍ରସଙ୍ଗରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ  କହିଥିଲେ, ଆରାବଳି ଜଙ୍ଗଲ ଅଞ୍ଚଳର ପୁନରୁଦ୍ଧାର ଏବଂ ପରିବେଶଗତ ସ୍ଥିରତାକୁ ଉନ୍ନତ କରିବା ପାଇଁ କେନ୍ଦ୍ର ସରକାର

ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସବୁଜ ଆରାବଳି ପଦକ୍ଷେପ ନିଆଯିବା ସହ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ଆରାବଳୀ ପର୍ବତର ସୁରକ୍ଷା ଏବଂ ସଂରକ୍ଷଣ ସରକାରଙ୍କ ଦାୟିତ୍ୱ ବୋଲି ଶ୍ରୀ ଯାଦବ କହିଥିଲେ। ଆରାବଳୀ ପର୍ବତର ୧୦୦ ମିଟର ଉଚ୍ଚତାକୁ ନେଇ ଦିଆଯାଇଥିବା ନୂତନ ପରିଭାଷା ସଂକ୍ରାନ୍ତରେ ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଥିଲେ।

Sambalpur

## ତ୍ରିରଙ୍ଗା ପଦଯାତ୍ରା

ଭାରତ ବର୍ଷର ସ୍ୱାଧୀନତା ଇତିହାସ କେବଳ ଆନ୍ଦୋଳନର ସଂଗ୍ରହ ନୁହେଁ ବରଂ ହଜାର ହଜାର ବୀର ସନ୍ତାନଙ୍କ ଆତ୍ମବଳିଦାନର ଗାଥା ବହନ କରେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର କୁଦୋପାଲିଠାରେ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହୋଇ ଶ୍ରୀ ପ୍ରଧାନ କହିଛନ୍ତି, ଏହି ପବିତ୍ରସ୍ଥଳୀକୁ ଏକ ବୃହତ ସଂଗ୍ରାମୀ ଏବଂ ସାଂସ୍କୃତିକ ତୀର୍ଥସ୍ଥଳୀରେ ପରିଣତ ପାଇଁ ସମସ୍ତଙ୍କ ସାମୂହିକ ଉଦ୍ୟମ ଜରୁରୀ।

**- V/O -**

ଏହି ଅବସରରେ କୁଦୋପାଲି ପ୍ରାଇମେରୀ ସ୍କୁଲରୁ ତ୍ରିରଙ୍ଗା ପଦଯାତ୍ରା ବାହାରି ସହିଦ୍ ସ୍ମୃତିସ୍ତମ୍ଭରେ ପହଁଞ୍ଚିଥିଲା। ଆସନ୍ତାକାଲି ପାଳନ ହେବାକୁ ଥିବା ସହିଦ୍ ଦିବସର ପ୍ରସ୍ତୁତି ସ୍ୱରୂପ ଏହି ପଦଯାତ୍ରା କରାଯାଇଛି।

ଏଥିସହିତ ଶ୍ରୀ ପ୍ରଧାନ କୁଦୋପାଲିଠାରେ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ  ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖରେ ଇଂରେଜମାନେ କୁଦୋପାଲି ଘାଟି ଉପରେ ଆକ୍ରମଣ କରିଥିଲେ। ସେହିଦିନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏଙ୍କ ସମେତ ୫୭ ଜଣ ସଂଗ୍ରାମୀ ସହିଦ୍ ହୋଇଥିଲେ। ଏଥିରେ ୧୧ ଜଣ ସଂଗ୍ରାମୀ ଗିରଫ ହୋଇଥିବା ବେଳେ ୪ ଜଣଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା।

Sambalpur

## ପ୍ରବେଶ ତୋରଣ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ସିନ୍ଦୂରପଙ୍କ ଛକରେ ଏକ ପ୍ରବେଶ ତୋରଣର ଲୋକାର୍ପଣ କରିଛନ୍ତି। ବୀର ସ୍ୱାଧୀନତା ସଂଗ୍ରାମୀ ଛବିଳ ସାଏଙ୍କ ସମେତ ୫୭ ଜଣ ସହିଦଙ୍କ ଗାଥା ତୋରଣରେ ସ୍ଥାନ ପାଇଛି। ସହରର ସବୁ ଦିଗରେ ପର୍ଯ୍ୟାୟକ୍ରମେ ଏଭଳି ତୋରଣ ନିର୍ମାଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Keonjhar

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ସର୍କିଟ ହାଉସଠାରେ ଶତାଧିକ ଲୋକଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ମୁଖ୍ୟମନ୍ତ୍ରୀ ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ସମାଧାନ ପାଇଁ ସରକାରୀ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

# ଶ୍ରୀମନ୍ଦିର-ଧ୍ୱଜା ବନ୍ଧା

ପୁରୀ ଶ୍ରୀମନ୍ଦିରରେ ଚଳିତବର୍ଷର ଶେଷଦିନ ଓ ନୂଆବର୍ଷର ପ୍ରଥମ ଦିନ ଅତ୍ୟଧିକ ଭିଡ଼ ହେବାର ସମ୍ଭାବନା ରହିଛି। ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପୂର୍ବବର୍ଷ ଅପେକ୍ଷା ଅଦ୍ୟାବଧି ୩ରୁ ୪ ଗୁଣ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଶୃଙ୍ଖଳିତ ଦର୍ଶନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

**- V/O –**

BBSR/R

# ନିଯୁକ୍ତି ମେଳା

ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆସନ୍ତାକାଲି ୧୧ଟି ବିଭାଗର ନିଯୁକ୍ତି ମେଳା ଆୟୋଜିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

Desk

# ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଷଷ୍ଠ ଦିବସରେ ଆଜି ଗୋପପୁରରେ ଗୋପୀଙ୍କ ଦଧିବିକା ଓ ବସ୍ତ୍ରହରଣ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହାସହ ମଥୁରା ନଗରୀରେ ରଙ୍ଗସଭା, ଆସନ୍ନ ଯୁଦ୍ଧ ପ୍ରସ୍ତୁତି ପାଇଁ ରାଜନ୍ୟ ବର୍ଗଙ୍କ ସହ ଆଲୋଚନା, ପ୍ରଶାସନିକ ଅଧିକାରୀଙ୍କ ସହ ଜନତା ଦରବାର ଶଙ୍ଖଚୂଡ଼ଙ୍କୁ ଗୋପପୁର ପ୍ରେରଣ କରାଯିବ । ଗତକାଲି ପଞ୍ଚମ ଦିବସରେ ଧନୁଯାତ୍ରାରେ କଂସ ମହାରାଜଙ୍କ ରାଜଦରବାରରେ ରାଜ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ ।

ଶ୍ରୀକୃଷ୍ଣ ଓ ବଳରାମଙ୍କ ଅପୂର୍ବ ଲୀଳାରେ ସମଗ୍ର ଗୋପପୁରବାସୀ ବିମୋହିତ ହୋଇଥିଲେ । ଲକ୍ଷେଭାର ପଦ୍ମ ତୋଳିବା ପାଇଁ ଗୋପାଳବାଳକଙ୍କ ସହ କାଳିନ୍ଦୀ ହ୍ରଦକୁ ଶ୍ରୀକୃଷ୍ଣ ବଳରାମ ଆସିଥିବାବେଳେ କାଳୀୟ ନାଗ ଦଂଶନ କରିବାକୁ ଉଦ୍ୟମ କରିଥିଲା । ଗୋପପୁରରେ ହୋଇଥିବା କାଳିଆ ଦଳନ ନାଟକରେ ସମସ୍ତ କଳାକାରକାରଙ୍କ ଜୀବନ୍ତ ଅଭିନୟ ବେଶ ମନଛୁଆଁ ଥିଲା । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂସଙ୍କ ରାଜଦରବାରର ରାଜଅତିଥିଭାବେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

Desk

# ଇୟର ଏଣ୍ଡର ଡିଫେନ୍ସ

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗିତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ଧାରାବାହିକ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଚଳିତବର୍ଷ ଘଟିଥିବା ବିକାଶ ସମ୍ପର୍କରେ ।

ଦେଶର ଜାତୀୟ ସୁରକ୍ଷା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଚଳିତବର୍ଷ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛି । ଆତଙ୍କବାଦର ମୂଳୋତ୍ପାଟନ ଲାଗି କେନ୍ଦ୍ର ସରକାର ଚଳିତବର୍ଷ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ଆତଙ୍କୀ ଆକ୍ରମଣର ଦୃଢ଼ ମୁକାବିଲା, ଶୂନ୍ୟ ସହନଶୀଳତା, ଆତଙ୍କବାଦୀ ଏବଂ ସେମାନଙ୍କ ପଛରେ ରହିଥିବା ବ୍ୟକ୍ତିବିଶେଷ ଓ ସଂସ୍ଥା, ଯେକୌଣସି ପ୍ରକାର ଆଲୋଚନାରେ ଆତଙ୍କବାଦକୁ ପ୍ରାଥମିକତା ଏବଂ ଦେଶର ଏକତା ଦିଗରେ କୌଣସି ସାଲିସ୍ ନ କରିବା ଭଳି କାର୍ଯ୍ୟକ୍ରମ ଉପରେ ସରକାର ଗୁରୁତ୍ୱ ଦେଇ ଆସିଥିଲେ ।

ଅପରେସନ ସିନ୍ଦୂର ଅଭିଯାନ ଜରିଆରେ ଭାରତ ତା'ର ପ୍ରତିରକ୍ଷା ଦୃଢ଼ତା ପ୍ରମାଣିତ କରିଥିଲା । ସ୍ୱଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ରର ସଫଳତାକୁ ନେଇ ସାରା ବିଶ୍ୱ ଚକିତ ହୋଇଯାଇଥିଲା । ବ୍ରହ୍ମୋସ ସୁପରସୋନିକ୍ କ୍ଷେପଣାସ୍ତ୍ର, ରାଫେଲ ଯୁଦ୍ଧ ବିମାନ ଏବଂ ଭାରତ ତିଆରି ଡ୍ରୋନ୍ ଗୁଡ଼ିକ ସୂକ୍ଷ୍ମ ସମନ୍ୱୟରେ ସଫଳତାର ସହ କାର୍ଯ୍ୟ କରିଥିଲେ ।

ଦେଶର ପ୍ରତିରକ୍ଷା ଉତ୍ପାଦନ ୧ଲକ୍ଷ ୫୪ ହଜାର କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ୨୦୨୫-୨୬ ବଜେଟ୍‌ରେ ପ୍ରତିରକ୍ଷା ନିମନ୍ତେ ୬ଲକ୍ଷ ୮୧ ହଜାର କୋଟିରୁ ଅଧିକ ଟଙ୍କା ଆବଣ୍ଟନ କରାଯାଇଛି ।

ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ବିଶ୍ୱରେ ଭାରତର ପ୍ରତିରକ୍ଷାକୁ ଶିଖରକୁ ନେବା ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Desk

# ନନ୍ଦନକାନନ ପ୍ରତିଷ୍ଠା ଦିବସ

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଆଜି ତା'ର ୬୬ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାର୍କରେ ନିର୍ମିତ

ନୂତନ ଖୁଆଡ଼ଗୁଡ଼ିକର ଲୋକାର୍ପଣ କରିଛନ୍ତି । ଉତ୍ତର-ପୂର୍ବ ପାନୋରମା, କଲରାପତରିଆ ବାଘ ଖୁଆଡ଼, ଉଦ୍ୟାନ କୃଷି ଶାଖା, ତୃଣଭୋଜି ପଶୁ ସଂରକ୍ଷିତ ସଂରକ୍ଷଣ ସୁବିଧା ଆଦିର ଉଦ୍‌ଘାଟନ କରିଛନ୍ତି ।

BHK

## ସୁବର୍ଣ୍ଣ ଜୟନ୍ତୀ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ନଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଗବେଷକ ବଳରାମ ମିଶ୍ର ପ୍ରମୁଖ ଯୋଗଦେଇ ବୌଦ୍ଧିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ବିକାଶରେ ବିଶେଷ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ ।

Nabarangpur/R

## ବିଦ୍ୟାଳୟ ରୌପ୍ୟ ଜୟନ୍ତୀ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ହାତୀଗୁଡ଼ାସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପିତବାସ ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍ ଓ ଅନ୍ୟ ଅତିଥିମାନେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଛନ୍ତି ।

Nabarangpur/R

# ହ୍ୟାଣ୍ଡବଲ୍ ପ୍ରତିଯୋଗିତା

ଆସନ୍ତା ମାସ ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଚିତ୍ତୋରଗଡ଼ଠାରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟ ରାଜ୍ୟ ସମୂହ ହ୍ୟାଣ୍ଡବଲ୍ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ନବରଙ୍ଗପୁରର ଚାରି ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସମସ୍ତେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚବିଦ୍ୟାଳୟର ଛାତ୍ର ଗୌତମ ଭଦ୍ରା, ଅଭିଜିତ ନାୟକ, ପୁପୁନ ବେନ୍ୟା ଓ ଚିନା ବାଘ।

Desk

# ଶୀତ

ରାଜ୍ୟରେ ଶୀତଲହରୀ ଜାରି ରହିଛି । ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୫ ଡିଗ୍ରୀ ମଧ୍ୟରେ ରହିଥିବାବେଳେ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀରୁ ତଳେ ରହିଛି । ଫୁଲବାଣୀ, କୋରାପୁଟ ଓ ରାଉରକେଲାରେ ଆଜି ଘନକୁହୁଡ଼ି ଦେଖିବାକୁ ମିଳିଥିଲା। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ୧୧ଟି ଜିଲ୍ଲାରେ ଘନ କୁହୁଡ଼ି ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ୧୭ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି।

******************************